# ସତ୍ୟବାକ୍ୟ

# THE WORD OF TRUTH

NOVEMBER & DECEMBER - 2011

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

## CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

Vol.16. Nov & Dec-2011. No - 6

Published every two months in **Oriya** language for the Restoration of pure New Testament Christianity

Write for free Bible Correspondence course
in
Telugu & Oriya to:

**The Director**
Bible Correspondence Course
P.O.Box.80, KAKINADA - 533 001.

# ସତ୍ୟବାଣୀ
# VOICE OF TRUTH

VOL - XVI KAKINADA NOV-DEC-2011


## "ସେମାନେ ତୁମ୍ଭ ଗୃହରେ କି କି ବିଷୟ ଦେଖି ଅଛନ୍ତି ?"
## (What have they seen in thy house ?)

ଯିହୂଦାର ତ୍ରୟୋଦଶ ରାଜା 'ହିଜକିୟ' ପଚିଶ ବର୍ଷ, ବୟସରେ ରାଜତ୍ୱ ଆରମ୍ଭ କଲେ । (୨ୟ ରାଜାବଳୀ ୧୮:୧-୨) । "ସେ ଆପଣା ପୂର୍ବପୁରୁଷ ଦାଉଦଙ୍କର ସମସ୍ତ କ୍ରିୟାନୁସାରେ ସଦାପ୍ରଭୁଙ୍କ ଦୃଷ୍ଟିରେ ଯଥାର୍ଥ କର୍ମ କଲେ ।" (୩ୟ ପଦ) । ସେ ଏକ ମହାନ ଓ ସମ୍ରାଜ୍ୟ ରାଜା ଥିଲେ ସୁଦ୍ଧା, ତାହାଙ୍କ ଦୁର୍ବଳତା ବିଷୟରେ ଆମ୍ଭେମାନେ ୨୦ତମ ଅଧ୍ୟାୟ ପଢ଼ିଥାଉ । ସେ ଏକ ସାଂଘାତିକ ପୀଡାରୁ ସୁସ୍ଥ ହେବାର ସମ୍ବାଦ ଶୁଣି, ବାବିଲର ରାଜା । ବରୋଦକ-ବଲଦନ ତାହାଙ୍କ ନିକଟକୁ ପତ୍ରମାନ ଓ ଦର୍ଶନୀ ପଠାଇଲେ । "ତହିଁରେ ହିଜକିୟ ସେମାନଙ୍କ କଥା ଶୁଣିଲେ ଓ ଆପଣା ବହୁମୂଲ୍ୟ ତୈଳ ଓ ଅସ୍ତ୍ରାଗାର ଓ ଆପଣା ଭଣ୍ଡାରସ୍ଥିତ ସମସ୍ତ ଦ୍ରବ୍ୟ ସେମାନଙ୍କୁ ଦେଖାଇଲେ । ହିଜକିୟ ଯାହା ସେମାନଙ୍କୁ ନ ଦେଖାଇଲେ, ଏପରି କୌଣସି ଦ୍ରବ୍ୟ ତାଙ୍କ ଗୃହରେ କି ତାଙ୍କର ସମୁଦାୟ ରାଜ୍ୟରେ ନ ଥିଲା ।" (୨ ରାଜାବଳୀ ୨୦:୧୩) ।

ସଦାପ୍ରଭୁ, ହିଜକିୟ ସମସ୍ତ କାର୍ଯ୍ୟ ଦେଖି, ଭାବବାଦୀଙ୍କ ଦ୍ୱାରା ତାହାଙ୍କୁ କେତୋଟି ପ୍ରଶ୍ନ ପଚାରିଲେ, "...ସେମାନେ ତୁମ୍ଭ ଗୃହରେ କି କି ବିଷୟଦେଖି ଅଛନ୍ତି... ?" (୧୫ମ ପଦ) । ଏହି ପ୍ରଶ୍ନ ମୁଁ ଆପଣଙ୍କୁ ପଚାରେ, "...ସେମାନେ ତୁମ୍ଭ ଗୃହରେ କି କି ବିଷୟ ଦେଖି ଅଛନ୍ତି ?"

### ୧) ପରମେଶ୍ୱର ଆପଣଙ୍କ ଗୃହରେ କଅଣ ଦେଖି ଅଛନ୍ତି ?

ସଦାପ୍ରଭୁ ଆମ୍ଭମାନଙ୍କ ହୃଦୟ କଳ୍ପନା ସବୁ ଜ୍ଞାତ ଅଟନ୍ତି । ବାକ୍ୟ କହେ, "ଜ୍ଞାନୀମାନଙ୍କର ତର୍କବିତର୍କ ଅସାର ବୋଲି ପ୍ରଭୁ ଜାଣନ୍ତି ।" (୧ମ କରିନ୍ଥୀ ୩:୨୦) ।

ମନୁଷ୍ୟର ମନୋଭାବ, କଳ୍ପନା ଅନ୍ୟ ମନୁଷ୍ୟ ଜାଣି ପାରେନାହିଁ। ''ମନୁଷ୍ୟର ଅନ୍ତଃକରଣର ଭାବନା ପ୍ରତ୍ୟେକ କଳ୍ପନା ଅବିରତ ମନ୍ଦ ମାତ୍ର" ଥିବାରୁ, ନୋହ ସମୟର ଜନସମୂହକୁ ଜଳ ପ୍ରବାହ ଦ୍ୱାରା ସଦାପ୍ରଭୁ ବିନଷ୍ଟ କରିଥିଲେ। (ଆଦି ୬-୯ ପର୍ବ) ।ସ୍ତ୍ରୀକୁ କାମଭାବରେ ଦେଖି ମନୁଷ୍ୟ ବ୍ୟଭିଚାର ଦୋଷରେ ଦୋଷୀ ହୁଏ । (ମାଥିଉ ୫:୨୮) । ଯେ ଆପଣା ଭାଇକୁ ଘୃଣା କରେ ସେ ନରଘାତକ ସଦୃଶ୍ୟ ଅଟେ । (୧ମ ଯୋହନ ୩:୧୫) । ''ମନୁଷ୍ୟର କଳ୍ପନା ସବୁ ଅସାର ବୋଲି ସଦାପ୍ରଭୁ ଜାଣନ୍ତି ।" (ଗୀତ ୯୪;୧୧) । "ସଦାପ୍ରଭୁ ଆମ୍ଭେମାନେ ତାହାଙ୍କ ବିଷୟରେ ଏବଂ ଅନ୍ୟମାନଙ୍କ ବିଷୟରେ ଆମ୍ଭମାନଙ୍କ ଭାବନା ସେ ଜାଣନ୍ତି ।" (ଯାକୁବ ୨:୧-୪) । ସେ ଆମ୍ଭମାନଙ୍କ ପରିବାର ସଦସ୍ୟ ମଧ୍ୟରେ ଥିବା ସମ୍ବନ୍ଧ ବିଷୟରେ ଜ୍ଞାତ ଅଟନ୍ତି । ସେ ଆମ୍ଭମାନଙ୍କ ଓଷ୍ଠରୁ ନିର୍ଗତ ପ୍ରତ୍ୟେକ 'ପଦ' ଶୁଣନ୍ତି ଓ ଜାଣନ୍ତି । "...ମନୁଷ୍ୟମାନେ ଯେ କୌଣସି ଅସାର କଥା କହନ୍ତି, ବିଚାରାଧିନରେ ସେମାନେ ସେଥିର ଉତ୍ତର ଦେବେ ।" (ମାଥିଉ ୧୨:୩୦) । ଜ୍ଞାନୀ ଶଲୋମନ କହନ୍ତି, "ମୋର କଥା ଏହି, ସବୁ ଶୁଣାଯାଇଅଛି ପରମେଶ୍ୱରଙ୍କୁ ଭୟକର ଓ ତାହାଙ୍କର ଆଜ୍ଞା ସବୁ ପାଳନ କର, କାରଣ ଏହାହିଁ ମନୁଷ୍ୟର ପୂର୍ଣ୍ଣ କର୍ତ୍ତବ୍ୟ କର୍ମ । ଯେହେତୁ ପରମେଶ୍ୱର ପ୍ରତ୍ୟେକ କର୍ମ, ପୁଣି ଭଲ କି ମନ୍ଦ ପ୍ରତ୍ୟେକ ଗୁପ୍ତ ବିଷୟ ବିଚାରରେ ଆଣିବେ ।" (ଉପଦେଶ ୧୨:୩-୧୪) । ଆପଣ, ଆପଣା ଗୃହରେ ସ୍ୱାମୀ ସହିତ, ସ୍ତ୍ରୀ ସହିତ ସନ୍ତାନସନ୍ତତିମାନଙ୍କ ସହିତ, ପିତାମାତାଙ୍କ ସହ କିପରି ବ୍ୟବହାର କରୁଅଛନ୍ତି, କିପରି କଥାବାର୍ତ୍ତା କରୁଅଛନ୍ତି ସଦାପ୍ରଭୁ ଦେଖୁ ଅଛନ୍ତି । ସ୍ୱର୍ଗରାଜ୍ୟରେ ପ୍ରବେଶ ନିମନ୍ତେ ଆମ୍ଭମାନଙ୍କୁ ତାହାଙ୍କ ଆଜ୍ଞାପାଳନ କରିବା ଆବଶ୍ୟକ । "ଆଉ, ତୁମ୍ଭେମାନେ କାହିଁକି ମୋତେ ପ୍ରଭୁ, ପ୍ରଭୁ ବୋଲି ସମ୍ବୋଧନ କରୁଅଛ, ମାତ୍ର ମୋହର ବାକ୍ୟ ପାଳନ କରୁନାହଁ ।" (ଲୂକ ୬:୪୬) । "ମୋତେ ପ୍ରଭୁ, ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ ।" (ମାଥିଉ ୭:୨୧) । ଆପଣା ପରିବାରର ଆତ୍ମିକ ଉନ୍ନତି ବିଷୟରେ ଆମ୍ଭେମାନେ କଅଣ କରୁଅଛୁ ? ବିଶ୍ୱାସ କର୍ମ ବିନୁ ମୃତ । ଆମ୍ଭେମାନେ ପରମେଶ୍ୱରଙ୍କ ସେବାରେ କି ଆପଣାକୁ ନିୟୋଜିତ କରିଅଛୁ ? ପରମେଶ୍ୱର ଆମ୍ଭମାନଙ୍କ ଗୃହରେ କଅଣ ଦେଖିଅଛନ୍ତି ?

## ୨) ଆପଣଙ୍କ ସନ୍ତାନମାନେ ଆପଣଙ୍କ ଗୃହରେ କଅଣ ଦେଖୁ ଅଛନ୍ତି ?

ସନ୍ତାନସନ୍ତତିମାନେ କପଟପଣ ଅନୁସରଣ କରିବାରେ ଅଭ୍ୟସ୍ତ । ପରମେଶ୍ୱର ଓ ତାହାଙ୍କ ଆରାଧନା ଆମ୍ଭମାନଙ୍କ ଜୀବନରେ ପ୍ରଧାନ ସ୍ଥାନ ବୋଲି ଆମ୍ଭମାନଙ୍କୁ ସନ୍ତାନମାନଙ୍କୁ କହି, ଯଦି ଆମ୍ଭେମାନେ ମଣ୍ଡଳୀ ଆରାଧନାରେ ଅନୁପସ୍ଥିତ ରହୁ, କିଅବା ବିଳମ୍ବରେ ଯୋଗଦାନ ଦେଉ, କିଅବା ବାକ୍ୟ ଧ୍ୟାନରେ ଅବହେଳା କରୁ, ତେବେ ଆମ୍ଭେମାନେ ସେମାନଙ୍କୁ କଅଣ ଶିକ୍ଷା ଦେଇ ପାରୁଛୁ ? ଛୋଟ ଛୋଟ ବାଳିକାବାଳକମାନେ କୋମଳ ବୟସରୁ ପ୍ରାଧାନ୍ୟତା ବିଷୟରେ ଶିକ୍ଷିତ ହୁଅନ୍ତି । ଆମ୍ଭମାନଙ୍କ ଜୀବନରେ ପରମେଶ୍ୱରଙ୍କୁ ତାହାଙ୍କ କାର୍ଯ୍ୟକୁ ପ୍ରଥମ ସ୍ଥାନ ଦେଉ । ସଦାପ୍ରଭୁ କେବଳ ପ୍ରଥମ ସ୍ଥାନ ଲୋଡ଼ନ୍ତି । ଆପଣା ଆପଣା ପରିବାର ହିଁ ସନ୍ତାନସନ୍ତତିମାନଙ୍କ ନିମନ୍ତେ 'ପ୍ରାଧନ୍ୟତା' ଶିକ୍ଷା କରିବାର ପ୍ରଥମ ପାଠଶାଳା ଏଥିନିମନ୍ତେ ଆମ୍ଭାମାନଙ୍କୁ ପ୍ରଥମେ ଯୀଶୁଙ୍କ ବାକ୍ୟ ଧ୍ୟାନ କରୁ । ସେ କହିଲେ "...ତୁମ୍ଭେ ଆପଣାର ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ ଓ ସମସ୍ତ ମନ ଦେଇ ପ୍ରଭୁ ଆପଣା ଇଶ୍ୱରଙ୍କୁ ପ୍ରେମ କର ।" (ମାଥିଉ ୨୨:୩୭) । "କିନ୍ତୁ ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର, ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ ।" (ମାଥିଉ ୬:୩୩) । ଆମ୍ଭେମାନେ ପରମେଶ୍ୱରଙ୍କୁ ଆମ୍ଭମାନଙ୍କ ଜୀବନରେ ପ୍ରଥମ ସ୍ଥାନ ଦେଉଅଛୁ, ଆମ୍ଭମାନଙ୍କ ସନ୍ତାନସନ୍ତତିମାନେ ଜାଣିବା ଆବଶ୍ୟକ । ସେମାନଙ୍କୁ ସ୍କୁଲ ଫାଙ୍କିବାକୁ ଅନୁମତି ଦିଆଯାଏ ନାହିଁ, କିନ୍ତୁ Sunday School ଫାଙ୍କିବାକୁ ଅନୁମତି ଦିଆଯାଏ । ପିତାମାତାମାନେ ସନ୍ତାନମାନଙ୍କ ପାଠପଢ଼ାରେ ଧ୍ୟାନ ଦିଅନ୍ତି, କିନ୍ତୁ 'ବାକ୍ୟ ଧ୍ୟାନ'ରେ ଧ୍ୟାନ ଦିଅନ୍ତି ନାହିଁ । ଆମ୍ଭେମାନେ ବ୍ୟକ୍ତିଗତ ଭାବେ ବାକ୍ୟଧ୍ୟାନ କରିବା କି ସେମାନେ ଜାଣୁଅଛନ୍ତି ? ଅନେକେ ପିତାମାତାମାନେ ବାଇବଲ ଧ୍ୟାନ ପାଇଁ, ପ୍ରାର୍ଥନା କରିବା ପାଇଁ, ଆରାଧନାରେ ଯୋଗଦେବା ନିମନ୍ତେ ସମୟ ବିତାଇବା ନିମନ୍ତେ ଅନିଚ୍ଛୁକ । ପ୍ରଶ୍ନ ହେଲା– "ଆମ୍ଭମାନଙ୍କ ସନ୍ତାନସନ୍ତତିମାନେ ଆମ୍ଭମାନଙ୍କ ଗୃହରେ କଅଣ ଦେଖୁ ଅଛନ୍ତି ।"

## ୩) ଅନ୍ୟମାନେ ଆମ୍ଭମାନଙ୍କ ଗୃହରେ କଅଣ ଦେଖୁ ଅଛନ୍ତି ?

ବନ୍ଧୁବାନ୍ଧବମାନେ ପ୍ରତିବାସୀମାନେ ଆମ୍ଭମାନଙ୍କ ଗୃହରେ କଅଣ ଦେଖୁ ଅଛନ୍ତି ? ଆମ୍ଭମାନଙ୍କ ଗୃହ ଓ ସେମାନଙ୍କ ଗୃହ ମଧ୍ୟରେ କି କୌଣସି ପ୍ରାର୍ଥକ୍ୟ ଅଛି । ଦୁଃଖର କାରଣ ଏହି ଯେ, ଆଧୁନିକ ଯୁଗରେ 'ଖ୍ରୀଷ୍ଟୀୟ ଗୃହ'ର ଅଭାବ ଦେଖାଯାଏ । ବାକ୍ୟ

କହେ, "ବିଲିୟାମର ସହିତ ଖ୍ରୀଷ୍ଟଙ୍କର କି ମିଳନ? କିମ୍ବା ଅବିଶ୍ୱାସୀ ସହିତ ବିଶ୍ୱାସୀର କି ଅଂଶ? ପ୍ରତିମା ସହିତ ଈଶ୍ୱରଙ୍କ ମନ୍ଦିରର କି ସମ୍ବନ୍ଧ? କାରଣ ଆମ୍ଭେମାନେ ଜୀବିତ ଈଶ୍ୱରଙ୍କର ମନ୍ଦିର ଅଟୁଁ, ଯେପରି ଈଶ୍ୱର କହି ଅଛନ୍ତି, ଆମ୍ଭେ ସେମାନଙ୍କ ମଧ୍ୟରେ ବାସ କରିବା, ଆଉ ସେମାନଙ୍କ ମଧ୍ୟରେ ଭ୍ରମଣ କରିବା, ଆମ୍ଭେ ସେମାନଙ୍କ ଈଶ୍ୱର ହେବା, ଆଉ ସେମାନେ ଆମ୍ଭର ଲୋକ ହେବେ। ଏଣୁ ପ୍ରଭୁ ଏହା କହନ୍ତି, ତୁମ୍ଭେମାନେ ସେମାନଙ୍କ ମଧ୍ୟରୁ ବାହାରି ଆସ, ଆଉ ପୃଥକ୍ ହୁଅ, ଆଉ ଅଶୁଚି ପଦାର୍ଥ ସ୍ପର୍ଶକର ନାହିଁ। ପୁଣି ଆମ୍ଭେ ତୁମ୍ଭମାନଙ୍କୁ ଗ୍ରହଣ କରିବା। ଆମ୍ଭେ ତୁମ୍ଭମାନଙ୍କର ପିତା ହେବା, ପୁଣି ତୁମ୍ଭେମାନେ ଆମ୍ଭର ପୁତ୍ରକନ୍ୟା ହେବ। ଏହା ସର୍ବଶକ୍ତିମାନ ପ୍ରଭୁ କହନ୍ତି।" (୨ କରିନ୍ଥୀ ୬:୪-୧୮)।

ସାଂସାରିକ ପିତାମାତା, ସାଂସାରିକ ବନ୍ଧୁବାନ୍ଧବ, ସାଂସାରିକ ମିତ୍ରମାନଙ୍କ ଠାରୁ ଆପଣା ଆପଣାକୁ ପୃଥକ୍ କରି। "ତୁମ୍ଭେମାନେ ତ ଆମ୍ଭମାନଙ୍କ ହୃଦୟରେ ଲିଖିତ ଏବଂ ସମସ୍ତ ଲୋକଙ୍କ ଜ୍ଞାତ ଓ ପଠିତ ଆମ୍ଭମାନଙ୍କ ପତ୍ରସ୍ୱରୂପ। (୨ କରିନ୍ଥୀ ୩:୨)।"

**ପ୍ରତ୍ୟେକ ଖ୍ରୀଷ୍ଟିୟାନ ଏକ ଏକ ଖୋଲା ପୁସ୍ତକ :**

| ଜୀବନରେ- | | -ପୁସ୍ତକ |
|---|---|---|
| Seconds | - | Words (ପଦ) |
| Minutes | - | Lines (ବାକ୍ୟ) |
| Hours | - | Paragraphs |
| Days | - | Pages (ପୃଷ୍ଠା) |
| Months | - | Section |
| Years | - | Volume |

ଆମ୍ଭମାନଙ୍କ ଜୀବନ ଏକ ଖୋଲା ପୁସ୍ତକ।

ଅନ୍ୟମାନେ ଆମ୍ଭମାନଙ୍କ ଜୀବନରେ କଅଣ ଦେଖନ୍ତି?

୪) ଆମ୍ଭମାନଙ୍କ ଗୃହରେ କଅଣ ଦେଖାଯିବା ଉଚିତ୍?

ଏକ ସ୍ୱାମୀ ଯେ କି ସ୍ତ୍ରୀର ମସ୍ତକ ସ୍ୱରୂପ (ଏଫିସୀ ୫:୨୩)। ଯେ କି, ଆପଣା ଭାର୍ଯ୍ୟାକୁ ପ୍ରେମ କରେ। (ଏଫିସୀ ୫:୨୩, କଲସୀ ୩:୧୯)। ଆପଣା ସ୍ୱାମୀଙ୍କ ଆଜ୍ଞାବହ ଭାର୍ଯ୍ୟା। (ଏଫିସୀ ୫:୩୩)। ଶୃଙ୍ଖଳିତ ସନ୍ତାନସନ୍ତତି (ହିତ ୨୨:୬୩,

୧୯:୧୮, ୨୨:୧୫, ୨୩:୧୩-୧୪, ୨୯:୧୫, ୧୩:୨୪) । ଆଜ୍ଞାବହ ସନ୍ତାନ ସନ୍ତତି । ପ୍ରାର୍ଥନାଶୀଳ, ବାକ୍ୟ ଧ୍ୟାନରେ ରତ, ବିଶ୍ୱସ୍ତ ପିତାମାତା ।

ଆପଣଙ୍କ ଗୃହରେ ପ୍ରଭୁ କଅଣ ଦେଖୁ ଅଛନ୍ତି ? ଆପଣଙ୍କ ସନ୍ତାନ ସନ୍ତତିମାନେ କଅଣ ଦେଖୁ ଅଛନ୍ତି । ପ୍ରତିବାସୀମାନେ କଅଣ ଦେଖୁ ଅଛନ୍ତି ?

–**Tom Moore**

❋❋❋

## "ସାରା ଅବ୍ରାହମଙ୍କୁ ପ୍ରଭୁ ବୋଲି କହି..."
### (Sarah called Abraham, Lord)

ଅପରୂପା ସୁନ୍ଦରୀ ସାରା ଊର ଦେଶବାସୀ । ସେ ଦେଶ ଏବେ 'ଇରାକ୍' (Iraq) ନାମରେ ଖ୍ୟାତ । ସେ ଆପଣା ଇଶ୍ରାଏଲର ଆଦି ପିତା ଅବ୍ରାହମଙ୍କ ଭାର୍ଯ୍ୟା ଥିଲେ । 'ସାରା' ନାମର ଅର୍ଥ ରାଣୀ ।

ସାରାଙ୍କ ବିଷୟରେ ପବିତ୍ର ବାକ୍ୟ ଆମ୍ଭମାନଙ୍କୁ କଅଣ ଶିକ୍ଷା ଦିଏ ? ସେ କି କେବଳ ଏକ ସୌନ୍ଦର୍ଯ୍ୟବତୀ ସ୍ତ୍ରୀ ଥିଲେ ? ତାହାଙ୍କ ଚରିତ୍ର ବିଷୟରେ ଆମ୍ଭେମାନେ କଅଣ ଶିକ୍ଷା କରୁ ?

୧) ସେ ଆପଣା ସ୍ୱାମୀ ଅବ୍ରାହମଙ୍କୁ ପ୍ରେମ ଓ ସମ୍ମାନ କରୁଥିଲେ । ୧ମ ପିତର ୩:୬ ରେ ଲେଖାଯାଏ, "ସେହିପରି ସାରା ଅବ୍ରାହମଙ୍କୁ ପ୍ରଭୁ ବୋଲି କହି ତାହାଙ୍କର ଆଜ୍ଞାବହ ହେଲେ...।" ଯେତେବେଳେ ସଦାପ୍ରଭୁ ଅବ୍ରାହମଙ୍କୁ ଆପଣା ଦେଶ, ଜ୍ଞାତି ଓ ପୈତୃକ ଗୃହ ପରିତ୍ୟାଗ କରିବା ନିମନ୍ତେ ଆଜ୍ଞା ଦେଇଥିଲେ, ସାରା ତାହାଙ୍କୁ ସହଯୋଗ ଦେଇଥିଲେ । ଉଷ୍ଣତା, ଦୁର୍ଭିକ୍ଷ, ତମ୍ବୁରେ ବାସ କରିବା, ପ୍ରଭୃତି ଏକ ସ୍ତ୍ରୀ ନିମନ୍ତେ କଷ୍ଟକର ହେଲେ ସୁଦ୍ଧା ସେ ଅବ୍ରାହମଙ୍କ ସଙ୍ଗ ପରିତ୍ୟାଗ କରି ନଥିଲେ । କାରଣ ପରିତ୍ୟାଗ କରିବା ପରେ, ତାହାଙ୍କର କୌଣସି ଗୃହ ନଥିଲେ ସୁଦ୍ଧା, ସେ ବିନା ଦ୍ୱିଧାରେ ଅବ୍ରାହମଙ୍କ ସହିତ ତମ୍ବୁରେ ବାସ କରିଥିଲେ । ତାହାଙ୍କ ସଦୃଶ୍ୟ ଖ୍ରୀଷ୍ଟିୟାନ ସ୍ତ୍ରୀମାନେ, ଆପଣା ଆପଣା ସ୍ୱାମୀଙ୍କର ଆଜ୍ଞାବହ ହେବା ଆବଶ୍ୟକ । (୧ମ ପିତର ୩:୫) ।

୨) ଯଦ୍ୟପି, ଅରୂପା ସୁନ୍ଦରୀ ଥିଲେ, ସାରା ବସ୍ତ୍ରଧାରଣାରେ ସ୍ତ୍ରୀମାନଙ୍କ ଆଦର୍ଶ ଅଟନ୍ତି । ୧ମ ପିତର, ୩ୟ ଅଧ୍ୟାୟରେ ଖ୍ରୀଷ୍ଟିୟାନ ସ୍ତ୍ରୀମାନଙ୍କ ବେଶଭୂଷା ବିଷୟରେ ଲେଖାଯାଏ । "ସେହିପରି ଭାର୍ଯ୍ୟାମାନେ ତୁମ୍ଭେମାନେ ଆପଣା ଆପଣା ସ୍ୱାମୀଙ୍କର ବଶୀଭୂତା ହୁଅ ।" ଯେପରି ସେମାନଙ୍କ ମଧ୍ୟରୁ କେହି କେହି ବାକ୍ୟର ଅନାଜ୍ଞାବହ ହେଲେ ସୁଦ୍ଧା ତୁମ୍ଭମାନଙ୍କର ସଭୟ ସଦାଚରଣ ଦେଖି ପରିବର୍ତ୍ତିତ ହେବେ । ପୁଣି କେଶ ବେଶ, ସୁବର୍ଣ୍ଣ ଆବରଣ ଓ ସୁନ୍ଦର ବସ୍ତ୍ର ପରିଧାନ ଏପରି ଯେଉଁ ବାହ୍ୟ ଭୂଷଣ , ତାହା ତୁମ୍ଭମାନଙ୍କର ଭୂଷଣା ନ ହୋଇ, ହୃଦୟର ଯେଉଁ କୋମଳ ଓ ଶାନ୍ତିଯୁକ୍ତ ଗୁପ୍ତ ସ୍ୱଭାବ ଈଶ୍ୱରଙ୍କ ଦୃଷ୍ଟିରେ ବହୁମୂଲ୍ୟ, ତାହାହିଁ ତୁମ୍ଭମାନଙ୍କର ଅକ୍ଷୟ ଭୂଷଣ ହେଉ । (୧ମ ପିତର ୩:୧-୪) ।

୩) ସାରା କି ଅତ୍ୟାଚ୍ଚର ଶୀକାର ? ଆପଣା ସ୍ୱାମୀଙ୍କର ଦ୍ୱାରା ଅପମାନିତ ? ଅପରୂପା ସୁନ୍ଦରୀ ସାରାଙ୍କୁ ଅବ୍ରାହମଙ୍କ ବିଦେଶରେ ଅପଦର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେ ଆପଣା ସ୍ତ୍ରୀକୁ କହିଲେ, "...ଅବ୍ରାହମ ଆପଣା ଭାର୍ଯ୍ୟା ସାରାକୁ କହିଲେ, ଶୁଣ ତୁମ୍ଭେ ଦେଖିବାକୁ ସୁନ୍ଦରୀ, ତାହା ମୁଁ ଜାଣେ । ଏଣୁ କରି ମିସର୍ ଦେଶୀୟ ଲୋକମାନେ ତୁମ୍ଭକୁ ଦେଖି ମୋହର ଭାର୍ଯ୍ୟା ବୋଲି ଜାଣିଲେ, ମୋତେ ବଧ କରି ତୁମ୍ଭକୁ ଜୀବିତ ରଖିବେ । ଏହେତୁ ମୁଁ ବିନୟ କରୁଅଛି, ତୁମ୍ଭେ ମୋର ଭଉଣୀ, ଏହା କହିବ, ତହିଁରେ ତୁମ୍ଭ ସକାଶେ ମୋହର ମଙ୍ଗଳ ହେବ ଓ ତୁମ୍ଭ ହେତୁରୁ ମୋ ପ୍ରାଣ ରକ୍ଷା ପାଇବ ।" (ଆଦି ୧୨:୧୧-୧୩) ।

ଅବ୍ରାହମଙ୍କ ଏହି ଅନୁରୋଧ ତାହାଙ୍କ ଦୁର୍ବଳତା ପ୍ରକଟ କରେ । ଏଠାରେ ଅବ୍ରାହାମ, ସାରାଙ୍କୁ ଆଜ୍ଞା ନଦେଇ ଆପଣା ପ୍ରାଣରକ୍ଷା ନିମନ୍ତେ ଅନୁରୋଧ କରିଥିଲେ । ସାଧ୍ୱୀ ସାରା, ଆପଣା ସ୍ୱାମୀ ଅବ୍ରାହମଙ୍କ ପ୍ରାଣରକ୍ଷା କରିଥିଲେ ।

୪)ଏକ ସମୟରେ ସାରା ସ୍ୱାଭାବିକ ମାନବିକ ସ୍ୱଭାବ ପ୍ରଦର୍ଶନ କରିଥିଲେ । ସଦାପ୍ରଭୁ ପରମେଶ୍ୱର ଅବ୍ରାହମଙ୍କୁ ସନ୍ତାନ ଅନୁଗ୍ରହ ପ୍ରତିଜ୍ଞା କରି ଦଶବର୍ଷ ବିତିଗଲା । ସନ୍ତାନ ପ୍ରସବ କରିବାର ସମୟ ବିତିଗଲା । ତେଣୁ କରି ସେ, ସେହି ପ୍ରଦେଶର ନୀତିନୁସାରେ ଆପଣା ଦାସୀ ହାଗରଙ୍କୁ ଅବ୍ରାହମଙ୍କ ସହ ବିବାହ କରିଥିଲେ, ଯେପରି ସେ ହାଗରଙ୍କ ଜାତ ସନ୍ତାନଙ୍କୁ ଆପଣା ସନ୍ତାନ ବୋଲି ଦାବୀ କରି ପାରନ୍ତି । ତାହାଙ୍କ ଦାସୀ ଗର୍ଭବତୀ ହୋଇ ପୁତ୍ର ପ୍ରସବ କଲେ, କିନ୍ତୁ ସେ ଓ ତାହାଙ୍କ ପୁତ୍ର ଈଶ୍ମାଏଲ,

ପ୍ରତିଜ୍ଞାତ ସନ୍ତାନ ଇସ୍‌ହାକଙ୍କ ଅପହାସ କରିଥିଲେ । ସେମାନଙ୍କ ମଧ୍ୟରେ ଥିବା ଶତ୍ରୁତ୍ୱ ଏବେ ୩୫୦୦ ବର୍ଷପରେ ବି ଚାଲି ରହିଅଛି ।

ଅନେକ ସମୟରେ ବିଶ୍ୱାସୀମାନେ ବିଶ୍ୱାସରେ ଦୁର୍ବଳ ହୋଇ ଅଧିର ହୋଇ ଉଠନ୍ତି ଓ ଅନେକ ସମସ୍ୟାର ସମ୍ମୁଖୀନ ହୁଅନ୍ତି । "ସଦାପ୍ରଭୁଙ୍କର ଅନୁସରଣ କର, ବଳବାନ ହୁଅ ଓ ତୁମ୍ଭର ଅନ୍ତଃକରଣ ସାହସିକ ହେଉ, ହଁ, ତୁମ୍ଭେ ସଦାପ୍ରଭୁଙ୍କ ଅନୁସରଣ କର ।" (ଗୀତ ୨୭:୧୪) ।

୫) ଏବ୍ରୀ ଏକାଦଶ ଅଧ୍ୟାୟରେ ବିଶ୍ୱାସର ଯୋଦ୍ଧାମାନଙ୍କ ବିବରଣ ପଢ଼ିଥାଉ । ସେମାନଙ୍କ ମଧ୍ୟରେ ସାରା ମଧ୍ୟ ଅନ୍ତର୍ଭୁକ୍ତ ଅଟନ୍ତି । "ବିଶ୍ୱାସ ଦ୍ୱାରା ସାରା ନିଜେ ମଧ୍ୟ ପ୍ରତିଜ୍ଞାକାରୀଙ୍କୁ ବିଶ୍ୱାସ ଜ୍ଞାନ କରି ଗତବୟସ୍କା ହେଲେ ହେଁ ଜାତିର ଆଦିମାତା ହେବାକୁ ଶକ୍ତି ପ୍ରାପ୍ତ ହେଲେ ।" (ଏବ୍ରୀ ୧୧:୧୧) । ଆଦିମାତା ହେବା ନିମନ୍ତେ ଅବ୍ରାହମଙ୍କ ସଦୃଶ୍ୟ ସାରାଙ୍କୁ ସଦାପ୍ରଭୁଙ୍କ ଠାରେ ପୂର୍ଣ୍ଣ ବିଶ୍ୱାସ ଆବଶ୍ୟକ ଥିଲା । ବର୍ତ୍ତମାନ ଯୁଗରେ କୌଣସି ସ୍ତ୍ରୀ କେବଳ ଆପଣା ସ୍ୱାମୀଙ୍କ ବଶୀଭୂତା ହେବା ଦ୍ୱାରା ପରିତ୍ରାଣ ପାଇ ପାରନ୍ତି ନାହିଁ । ସ୍ତ୍ରୀ ଆପଣା ବିଶ୍ୱସ୍ତତା ଓ ଈଶ୍ୱରଙ୍କ ସହିତ ସମ୍ବନ୍ଧ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୁଏ ।

ସାରାଙ୍କ ବିଶ୍ୱସ୍ତ ଜୀବନ ଦ୍ୱାରା ଆମ୍ଭେମାନେ ଅନେକ ବିଷୟ ଶିକ୍ଷା କରିପାରୁ ।

*–Betty Burton Choate*

❋❋❋

## "କ୍ଷାନ୍ତ ହୁଅ, ଆମ୍ଭେ ପରମେଶ୍ୱର ଅଟୁ, ଏହା ଜାଣ..."
## (Be Still, and know that I am God)

"ପରମେଶ୍ୱର ଆମ୍ଭମାନଙ୍କର ଆଶ୍ରୟ ଓ ବଳ, ଦୁର୍ଦ୍ଦଶାକାଳରେ ଅତି ନିକଟବର୍ତ୍ତୀ ସହାୟ । ଏଥିପାଇଁ ପୃଥିବୀ ପରିବର୍ତ୍ତିତ ହେଲେ ଓ ପର୍ବତଗଣ ସମୁଦ୍ର ମଧ୍ୟରେ ବିଚଳିତ ହେଲେ ହେଁ, ତହିଁରେ ଜଳରାଶି ଗର୍ଜ୍ଜନ କରି ପ୍ରବଳ ହେଲେ ହେଁ, ତହିଁରେ ପ୍ଳାବନରେ ପର୍ବତଗଣ କମ୍ପିତ କଲେ ହେଁ, ଆମ୍ଭେମାନେ ଭୟ କରିବା ନାହିଁ । ...ଆସ ସଦାପ୍ରଭୁ କାର୍ଯ୍ୟ ସବୁ ଦେଖ ସେ ପୃଥିବୀରେ ପ୍ରାନ୍ତ ପର୍ଯ୍ୟନ୍ତ ଯୁଦ୍ଧ ନିବୃତ୍ତ କରନ୍ତି, ସେ ଧନୁ ଭାଙ୍ଗି ପକାନ୍ତି ଓ ବର୍ଚ୍ଛା କାଟି ଖଣ୍ଡ ଖଣ୍ଡ କରନ୍ତି, ସେ ରଥ ସବୁ ଅଗ୍ନିରେ ପୋଡ଼ି ପକାନ୍ତି । କ୍ଷାନ୍ତ

ହୁଅ, ଆମ୍ଭେ ପରମେଶ୍ୱର ଅଟୁ, ଏହା ଜାଣ, ଆମ୍ଭେ ଦେଶୀୟମାନଙ୍କ ମଧ୍ୟରେ ଉନ୍ନତ ହେବୁ, ଆମ୍ଭେ ପୃଥିବୀରେ ଉନ୍ନତ ହେବୁ । ସୈନ୍ୟାଧିପତି ସଦାପ୍ରଭୁ ଆମ୍ଭମାନଙ୍କର ସହବର୍ତ୍ତୀ ଯାକୁବର ପରମେଶ୍ୱର ଆମ୍ଭମାନଙ୍କର ଆଶ୍ରୟ ଅଟନ୍ତି ।" (ଗୀତ ୪୮:୧-୩, ୮-୧୧) ।

ଯିହୂଦା ରାଜା ଯିହୋଶାଫଟଙ୍କ ରାଜତ୍ୱ ସମୟରେ ଅମ୍ମୋନୀୟ, ମୋୟାବୀୟ ଓ ସେୟୀରମାନଙ୍କମ ଦ୍ୱାରା ଆକ୍ରମଣର ସଙ୍କଟ ଥିଲା । ଭୟଭୀତ ଯିହୂଦା ସଦପ୍ରଭୁଙ୍କ ସମ୍ମୁଖରେ ଠିଆ ହେଲେ । ସଦପ୍ରଭୁଙ୍କ ଆତ୍ମା ଭାବବାଦୀ ଯହସୀୟେଲ ଅଧିଷ୍ଠିତ ହୁଅନ୍ତେ, ସେ କହିଲେ, "...ଏହି ମହାଜନତା ସକାଶୁ ତୁମ୍ଭେମାନେ ଭୟ ନକର, କି ନିରାଶ ନହୁଅ, କାରଣ ଏହି ଯୁଦ୍ଧ ତୁମ୍ଭମାନଙ୍କର ନୁହେଁ, ମାତ୍ର ପରମେଶ୍ୱରଙ୍କର ।" (ଦ୍ୱି.ବଂ. ୨୦:୧୫) । ଯୁଦ୍ଧରେ ସଦାପ୍ରଭୁ ସେମାନଙ୍କୁ ସାହାଯ୍ୟ କରିବେ ଓ ସଦାପ୍ରଭୁ ରକ୍ଷଣହସ୍ତ ସେମାନେ ଦେଖିବେ ଏହି ଆଶ୍ୱାସନା ସେମାନେ ପ୍ରାପ୍ତ ହୋଇ, କହାତୀୟ ଓ କୋରହ ସନ୍ତାନଗଣର ଲେବୀୟମାନେ ଇଶ୍ରାଏଲର ପରମେଶ୍ୱରଙ୍କ ପ୍ରଶଂସା ଗାନ କଲେ ।

ତହିଁ ଆରଦିନ ଲେବୀୟମାନଙ୍କ ଗାୟନ ଓ ପ୍ରଶଂସା ଗୀତ ସହ ଯିହୂଦା ଯୋଦ୍ଧାମାନେ ଯୁଦ୍ଧକୁ ଅଗ୍ରସର ହେଲେ । କିନ୍ତୁ ଶତ୍ରୁମାନଙ୍କ ବିରୁଦ୍ଧରେ ସଦାପ୍ରଭୁ ଗୁପ୍ତରେ ଛକି ବସିବା ପାଇଁ ଲୋକ ନିଯୁକ୍ତ କଲେ ଓ ପ୍ରତିଜଣ ଏକ ଆରକକୁ ବିନାଶ କଲେ । (୨ ବିବରଣ ୨୦ ପର୍ବ) ।

ଆମ୍ଭମାନଙ୍କ ପରମେଶ୍ୱର କେତେ ଆଶ୍ଚର୍ଯ୍ୟମୟ ଅଟନ୍ତି । ସମସ୍ତ ବିଷୟ ତାହାଙ୍କ ଅଧୀନ, ତଥାପି ସେ ଆମ୍ଭମାନଙ୍କ ପ୍ରତ୍ୟେକଙ୍କ ସହିତ ସଦାସର୍ବଦା ରହନ୍ତି । ଆମ୍ଭମାନଙ୍କ ଯୁଦ୍ଧ ପରମେଶ୍ୱରଙ୍କର ବୋଲି ଜ୍ଞାତ ହୋଇ ହୃଦୟରେ ତାହାଙ୍କୁ ପ୍ରଶଂସା ଗାନ କରି, ଶାନ୍ତି ଓ ସନ୍ତୋଷମୟ ଜୀବନଯାପନ କରୁ । ଆମ୍ଭେମାନେ କେବେ ବି ଏକାକୀ ନୋହୁଁ । ସେ ଆମ୍ଭମାନଙ୍କ ଆଶ୍ରୟ ବଳ ଓ ଦୁର୍ଦ୍ଦଶା ସମୟରେ ଅତି ନିକଟବର୍ତ୍ତୀ ସହାୟ । ଆମ୍ଭମାନଙ୍କ ଜୀବନର ପ୍ରତ୍ୟେକ ସମସ୍ୟା ସେ ଦୂର କରନ୍ତି । (୧ମ ପିତର ୫:୬-୭) । ତାହାଙ୍କ ଉପରେ ଆମ୍ଭମାନଙ୍କ ଭାର ଥୋଉ, ତହିଁରେ "ସମସ୍ତ ବୋଧର ଅଗମ୍ୟ ଯେ ଈଶ୍ୱରଙ୍କ ଶାନ୍ତି, ତାହା ତୁମ୍ଭମାନଙ୍କର ହୃଦୟ ଓ ମନକୁ ଖ୍ରୀଷ୍ଟଯୀଶୁଙ୍କ ସହଭାଗିତାରେ ସୁରକ୍ଷା କରି ରଖିବ ।" (ଫିଲିପ ୪:୭) । କ୍ଷାନ୍ତ ହୁଅ ଓ ସେ ଯେ ପରମେଶ୍ୱର ଏହା ଜ୍ଞାତ ହୁଅ ।

**–Danny Boggs**

# ମୃତମାନେ କେଉଁ ଠାରେ ?
## (Where are the dead ?)

"ମୃତମାନେ କେଉଁଠାରେ ?" ଏହା ସମସ୍ତ ମାନବ ସମାଜର ପ୍ରଶ୍ନ । ମନୁଷ୍ୟ ଶରୀର ଓ ଆତ୍ମା ବିଶିଷ୍ଟ ଏକ ପ୍ରାଣୀ । "ଅନନ୍ତର ସଦାପ୍ରଭୁ ପରମେଶ୍ୱର ଭୂମିର ଧୂଳି ଦ୍ୱାରା ମନୁଷ୍ୟଙ୍କୁ ନିର୍ମାଣ କରି ତାହାର ନାସିକା ରନ୍ଧ୍ରରେ ଫୁଙ୍କ ଦେଇ ପ୍ରାଣ ବାୟୁ ପ୍ରବେଶ କରାଇଲେ, ତହିଁରେ ମନୁଷ୍ୟ ଜୀବିତ ପ୍ରାଣୀ ହେଲା ।" (ଆଦି ୨ :୭) । ଶରୀର କ୍ଷଣସ୍ଥାୟୀ କିନ୍ତୁ ଆତ୍ମା ଅନନ୍ତଜୀବି । ଶରୀର କ୍ଷୟ ପାଏ, କିନ୍ତୁ ଆତ୍ମା ଅନନ୍ତକାଳ ଅକ୍ଷୟ ଅଟେ ।

ମରଣ ଉତ୍ତାରେ ଶରୀର କଅଣଣ ହେବ, ଏହା ଆମ୍ଭମାନଙ୍କ ବିଷୟ ବସ୍ତୁ ନୁହେଁ, କିନ୍ତୁ ମୃତ୍ୟୁପରେ ଆତ୍ମାର ପରିସ୍ଥିତି କଅଣ ଏହି ଅଧ୍ୟାୟରେ ବିଶ୍ଳେଷଣ କରି ବୁଝିବା । ମରଣ ପରେ ଆତ୍ମା କେଉଁଠାରେ ରହେ ? ଏହା ସମାଧିରେ ରହେ ନାହିଁ । ମରଣପରେ ଆତ୍ମା ଶରୀର ଠାରୁ ବିଚ୍ଛିନ୍ନ ହୁଏ ଓ କେବଳ ଶରୀର ସମାଧି ପ୍ରାପ୍ତ ହୁଏ ।

ଅନେକଙ୍କ ମତନୁଯାୟୀ ମୃତ୍ୟୁପରେ ଆତ୍ମା ପରିଷ୍କରଣ ସ୍ଥାନ (Purgatorial Realm) କୁ ଯାଏ ନାହିଁ । ଆତ୍ମା ଗୁଡ଼ିକ ସେ ସ୍ଥାନକୁ ଯାଇ ଆପଣା ପାପ ନିମନ୍ତେ ଶାସ୍ତି ଅନୁଭବ କରିବା ପରେ ପରିଷ୍କୃତ ହେବେ ବୋଲି ମନୁଷ୍ୟମାନଙ୍କ ଭ୍ରାନ୍ତ ଧାରଣା । କାରଣ ଧର୍ମଶାସ୍ତ୍ର ଏ ବିଷୟରେ ମୌନ ରହେ । ମୃତ୍ୟୁପରେ ତତ୍‌କ୍ଷଣତ୍ ଆତ୍ମା ସ୍ୱର୍ଗକୁ କି ନର୍କକୁ ଯାଏ ନାହିଁ ।

ଯୀଶୁଖ୍ରୀଷ୍ଟ ମୃତ୍ୟୁ ପୂର୍ବରୁ ଆପଣା ସହ କ୍ରୁଶ ଉପରେ ଚଢ଼ା ଯାଇଥିବା ଡକାୟତକୁ କହିଲେ, "...ମୁଁ ତୁମ୍ଭକୁ ସତ୍ୟ କହୁଅଛି, ଆଜି ତୁମ୍ଭେ ମୋହର ସହିତ 'ପାରାଦୀଶ'ରେ ଉପସ୍ଥିତ ହେବ । ମନପରିବର୍ତ୍ତନ କରିଥିବା ଡକାୟତ ସେ ଦିନ ମୃତ୍ୟୁପରେ ପାରଦୀଶରେ ପ୍ରବେଶ କରିଥିଲା ।" (ଲୂକ ୨୩:୪୩) । ତିନିଦିନ ପରେ ଉଦ୍ୟାନରେ ମଗଦଲିନୀ ମରିୟମକୁ ଦର୍ଶନ ଦେଇ କହିଲେ, "...ମୋତେ ଧରି ରଖ ନାହିଁ, କିନ୍ତୁ ମୁଁ ଏପର୍ଯ୍ୟନ୍ତ ପିତାଙ୍କ ନିକଟକୁ ଆରୋହଣ କରି ନାହିଁ...।" (ଯୋହନ ୨୦:୧୭) । ଯୀଶୁ ଓ ଡକାୟତ ଶୁକ୍ରବାର ଦିନ ଯାତ୍ରା ଆରମ୍ଭ କରିଥିଲେ, କିନ୍ତୁ ରବିବାର ସେ କହନ୍ତି, ସେ ପିତାଙ୍କ ନିକଟକୁ ଯାଇ ନାହାନ୍ତି । ଏତଦ୍ୱାରା ପାରଦୀଶରେ ସଦାପ୍ରଭୁଙ୍କ ନିବାସ ସ୍ଥାନ ନୁହେଁ ବୋଲି ଜାଣିପାରୁ ।

ପାରଦୀଶ କେଉଁଠାରେ ? ପ୍ରଭୁଯୀଶୁ ମୃତ୍ୟୁପରେ ଯେଉଁ ସ୍ଥାନକୁ ଯାଇ ଥିଲେ, ଜାଣିପାରିଲେ, ପାରଦୀଶ କେଉଁଠି ଜାଣି ପାରିବା ? ପ୍ରେରିତ ୨:୨୬-୨୭ ପଦରେ ପିତର, ଦାଉଦଙ୍କ ବ୍ୟକ୍ତ ଯୀଶୁଖ୍ରୀଷ୍ଟଙ୍କ ପୁନଃରୁଥାନର ଭାବବାଣୀ ଉଲ୍ଲେଖ କରି କହନ୍ତି, "ତେଣୁ ମୋହର ହୃଦୟ ପ୍ରଫୁଲ୍ଲ ଓ ମୋହର ଜିହ୍ୱା ଉଲ୍ଲସିତ ହେଲା , ଆହୁରି ମୋର ଶରୀର ମଧ୍ୟ ଭରସାରେ ବାସ କରିବ, କାରଣ ତୁମ୍ଭେ ମୋହର ପ୍ରାଣକୁ ପାତାଳରେ ପରିତ୍ୟାଗ କରିବ ନାହିଁ, କିଅବା ଆପଣା ଭକ୍ତକୁ କ୍ଷୟ ପାଇବାକୁ ଦେବ ନାହିଁ ।" (ପ୍ରେରିତ ୨:୨୬-୨୮) । Hell କିଅବା Hades ଗସ୍ତ ଆତ୍ମାମାନେ ବାସ କରନ୍ତି । ଏହି ପ୍ରଦେଶରେ ପାରଦୀଶ ଉପସ୍ଥିତ ।

ପାତାଳ କିପରି ସ୍ଥାନ ? ଏ ବିଷୟରେ କି ବାଇବଲରେ ଲିଖିତ ହୋଇଅଛି ? ଲୂକ ଲିଖିତ ସୁସମାଚାରର ୧୬ମ ଅଧ୍ୟାୟରେ ବର୍ଣ୍ଣିତ ଲାଜର ମୃତ୍ୟୁଭୋଗି ଅବ୍ରାହମଙ୍କୁ କୋଳକୁ ନୀତ ହେେ, କିନ୍ତୁ ଧନୀଲୋକ ମୃତ୍ୟୁଭୋଗି ନରକଯନ୍ତ୍ରଣାର ସ୍ଥାନରେ କଲବଲ ହୋଇ ଡାକି କହିଲେ, "...ହେ ପିତା ଅବ୍ରାହମ, ମୋତେ ଦୟାକରି ଲାଜରଙ୍କ ପଠାଇ ଦିଅନ୍ତୁ, ଯେପରି ସେ ପାଣିରେ ଆପଣା ଅଙ୍ଗୁଳିର ଟିପ ବୁଡ଼ାଇ ମୋର ଜିଭକୁ ଥଣ୍ଡାକରେ, କାରଣ ମୁଁ ଏହି ନିଆଁରେ କଲବଲ ହେଉଅଛି ।" (ଲୂକ ୧୬:୨୪) । କିନ୍ତୁ ସେମାନଙ୍କ ମଧ୍ୟରେ ବୃହତ ବ୍ୟବଧାନ ରହିଥିବାରୁ, ସେ କାର୍ଯ୍ୟ ଅସମ୍ଭବ ବୋଲି ଅବ୍ରାହମ ଉତ୍ତର ଦେଇଥିଲେ୍ । ତତ୍ପରେ ସେ ଆପଣା ଭାଇମାନଙ୍କ ନିକଟକୁ ଲାଜରକୁ ପଠାଇ ସେମାନଙ୍କ ଯନ୍ତ୍ରଣାର ସ୍ଥାନ ବିଷୟରେ ସତର୍କ କରିବାକୁ ଅନୁରୋଧ କଲେ । କିନ୍ତୁ ଅବ୍ରାହମ, ସେମାନଙ୍କ ନିକଟରେ ମୋଶା ଓ ଭାବବାଦୀମାନଙ୍କ ପୁସ୍ତକ ଅଛି ବୋଲି ସେ ଉତ୍ତର ଦେଇଥିଲେ । ମନୁଷ୍ୟର ମୃତ୍ୟୁପରେ ଶରୀର ସମାଧିସ୍ଥ ହୁଏ ଓ ଆତ୍ମା ପାତାଳ ଅର୍ଥାତ୍ Hadean ରେ ନୀତ ହୁଅ । ଧାର୍ମିକମାନେ ଅବ୍ରାହମଙ୍କ କୋଳରୂପ ପାରଦୀଶକୁ ଯାଆନ୍ତି ଓ ଅଧାର୍ମିକମାନେ ଯନ୍ତ୍ରଣାର ଛଳକୁ । ଏହି ଦୁଇ ସ୍ଥାନ ମଧ୍ୟରେ ଅଗାଧ ବ୍ୟବଚ୍ଛେଦ ନିର୍ଣ୍ଣିତ ହୋଇଅଛି । ଶରୀର ବିହୀନ ଆତ୍ମାମାନେ ଏକକୁ ଆରେକ ଚିହ୍ନି ପାରିବେ ଓ ଜାଗତିକ ଜୀବନର ସ୍ମୃତି, ବିସ୍ମୃତି ନୋହିବ ।

ଲାଜର ଓ ଧନୀଲୋକ ନିମନ୍ତେ ତାହା ଚିରସ୍ଥାୟୀ ସ୍ଥିତି ନୁହେଁ । କାରଣ ଜଗତରେ ଏବେ ଯାଏ ଜୀବନ ଅଛି ଓ ବିଚାରଦିନ ଉପସ୍ଥିତ ହୋଇ ନାହିଁ । ଉପରୋକ୍ତ ଘଟଣା ଖ୍ରୀଷ୍ଟଙ୍କ ଯୁଗ ଆରମ୍ଭ ହେବା ପୂର୍ବରୁ ଘଟିଥିଲା । ଖ୍ରୀଷ୍ଟିୟାନ ଯୁଗରେ ସେ କହିବେ, "ସେମାନଙ୍କ ନିକଟରେ ଖ୍ରୀଷ୍ଟ ଓ ତାହାଙ୍କ ପ୍ରେରିତମାନଙ୍କ ବାକ୍ୟ ଅଛି ।"

ପ୍ରଶ୍ନ ଉଠେ, ଯଦି ଏହି ସବୁ ସତ୍ୟ ଅଟେ ତେବେ ବିଚାରର ଆଉ ଆବଶ୍ୟକତା କଅଣ ? ନ୍ୟାୟାଧିପତି ସଦାପ୍ରଭୁ ଚକ୍ଷୁସ ସାକ୍ଷ୍ୟ ଉପରେ ଆଧାରିତ ହୋଇ ଅପରାଧ ପରିଗଣନା କରିବେ ବୋଲି ମନେ କରନ୍ତୁ ନାହିଁ । ବିଚାର ଦିନରେ ବିଚାରପତି ନ୍ୟାୟ ବିଚାର ପ୍ରକଟ କରିବେ । ଧାର୍ମିକମାନେ ଅନାଦି ପରମେଶ୍ୱରଙ୍କ ସହ ଅନାଦିକାଳ ବାସ କରିବା ନିମନ୍ତେ ସ୍ୱର୍ଗକୁ ଯିବେ ଓ ଧାର୍ମିକମାନେ ଶୟତାନ ଓ ତାହାଙ୍କ ଦୂତମାନଙ୍କ ସହ ଅନନ୍ତକାଳ ନିମନ୍ତେ ନରକରେ ନିକ୍ଷିପ୍ତ ହେବେ ।

ଆପଣ କେଉଁଠାରେ ଅନନ୍ତକାଳ ପର୍ଯ୍ୟନ୍ତ ବାସ କରିବାକୁ ଇଚ୍ଛା କରନ୍ତି ? ନିର୍ଣ୍ଣୟ ଆପଣଙ୍କର ।

– ***Roy Beasley***

❋❋❋

# ପରମେଶ୍ୱରଙ୍କୁ ପରିତ୍ୟାଗ କରିବାର ଫଳ
## (Efftects of Abandoning God)

"ଏହି କାରଣରୁ ଈଶ୍ୱର ସେମାନଙ୍କୁ ଜଘନ୍ୟ ପାପ ପ୍ରବୃତ୍ତିରେ ସମର୍ପଣ କଲେ, କାରଣ ସେମାନଙ୍କ ସ୍ତ୍ରୀମାନେ ସ୍ୱାଭାବିକ ବ୍ୟବହାର ପରିବର୍ତ୍ତେ ଅସ୍ୱାଭାବିକ ବ୍ୟବହାର କଲେ, ସେହିପରି ପୁରୁଷମାନେ ମଧ୍ୟ ସ୍ୱାଭାବିକ ସ୍ତ୍ରୀସଙ୍ଗ ପରିତ୍ୟାଗ କରି, ପରସ୍ପର ଆପଣା ଆପଣା କାମାନ୍ଧତାରେ ଦଗ୍ଧ ହେଲେ, ପୁରୁଷ ସହିତ ପୁରୁଷ କୁତ୍ସିତ କର୍ମ କଲେ, ପୁଣି ଆପଣା ଆପଣା ଠାରେ ସ୍ୱ ସ୍ୱ ସମୁଚିତ ପ୍ରତିଫଳ ପାଇଲେ ।" (ରୋମୀୟ ୧:୨୬-୨୭) । "ଏଣୁ ଈଶ୍ୱର ସେମାନଙ୍କ ହୃଦୟରେ କୁଅଭିଳାଷ ଅନୁସାରେ ସେମାନଙ୍କୁ ଅଶୁଚିତାରେ ସମର୍ପଣ କଲେ । ଯେପରି ସେମାନଙ୍କ ଶରୀର ପରସ୍ପର ଦ୍ୱାରା କଳୁଷିତ ହୁଏ ।" (ରୋମୀୟ ୧:୨୪) ।

ଏହି ବାକ୍ୟାଂଶରେ ମନୁଷ୍ୟ, ପରମେଶ୍ୱରଙ୍କୁ ତ୍ୟାଗ କରିବାର ପ୍ରତିଫଳ ବିଷୟରେ ପଢ଼ିପାରୁ । ଆପଣା ଅନୁଗ୍ରହ ଠାରୁ ସେମାନଙ୍କୁ ନିବୃତ୍ତ କରି ସେମାନଙ୍କୁ ପରିତ୍ୟାଗ କରନ୍ତି । ପରମେଶ୍ୱର ସେମାନଙ୍କୁ ପରିତ୍ୟାଗ କଲେ ବୋଲି ୩ଥର ଏହି ବାକ୍ୟାଂଶରେ

ପଡ଼ିପାରୁ । ପ୍ରଥମ ମନୁଷ୍ୟ ପରମେଶ୍ୱରଙ୍କ ଠାରୁ ଦୂରେଇ ଯିବାରୁ ପରମେଶ୍ୱର ମନୁଷ୍ୟକୁ ପରିତ୍ୟାଗ କରନ୍ତି ।

ପରମେଶ୍ୱରଙ୍କ ସହବାସ କରିବା ନିମନ୍ତେ, ସେ ମନୁଷ୍ୟକୁ ଆପଣା ପ୍ରତିମୂର୍ତ୍ତିରେ ଗଠନ କରିଥିଲେ । ମନୁଷ୍ୟ ଯେପରି ତାହାଙ୍କ ଠାରେ ନିର୍ଭର କରୁ, ଏହା ସେ ଇଚ୍ଛା କରନ୍ତି । ମନୁଷ୍ୟ ପରମେଶ୍ୱରଙ୍କ ଆଜ୍ଞା ବିରୁଦ୍ଧରେ ଆଚରଣ କରି ଆପଣା ସୃଷ୍ଟିକର୍ତ୍ତାଙ୍କ ଠାରୁ ସ୍ୱାଧୀନ ହେବାକୁ ଇଚ୍ଛା କଲା । ସ୍ୱେଚ୍ଛାରେ ଜୀବନଯାପନ କରିବାକୁ ଇଚ୍ଛୁକ ମନୁଷ୍ୟ ପାପର ଅଧୀନ ହେଲା । ଅହଙ୍କାରୀ ପତିତ ମନୁଷ୍ୟ ଶୟତାନର ଦାସ ।

କାମାଭିଳାଷୀ ମନୁଷ୍ୟମାନେ ଅସ୍ୱାଭାବିକ ଭାବେ ବ୍ୟବହାର କଲେ । ପୁରୁଷ, ପୁରୁଷ ପ୍ରତି ଓ ସ୍ତ୍ରୀ , ସ୍ତ୍ରୀ ପ୍ରତି କାମାଭିଳାଷୀ ହୋଇ ଜଘନ୍ୟ ପାପ କଲେ । ପାପପୂର୍ଣ୍ଣ Pagan ସମାଜର ଏହି Homusexuality ପରମେଶ୍ୱରଙ୍କ ସମାଜ ମଧ୍ୟ ଏପରି ପ୍ରଥାକୁ "ବ୍ୟକ୍ତିଗତ ସ୍ୱାଧୀନତା ପ୍ରକଟ" ବୋଲି ଗ୍ରହଣ କରୁଅଛି ।

ରୋମୀୟ ପ୍ରଥମ ଅଧ୍ୟାୟରେ ବାକ୍ୟ ସହିତ ଏହି ପ୍ରଥାକୁ ତୁଳନା କଲେ, ମନୁଷ୍ୟର ପାପ, ଅପରାଧ, ମନୁଷ୍ୟର ପତନ ବିଷୟ ଜାଣିପାରିବା । ପରମେଶ୍ୱର ପୁରୁଷ ଓ ସ୍ତ୍ରୀ ନିର୍ମାଣ କଲେ । (ଆଦି ୧ : ୨୭) । ସ୍ୱାଭାବିକ ସହବାସ ପ୍ରଥା ପରମେଶ୍ୱରଙ୍କ ଠାରୁ ଆଗତ ! Homusexuality (ସମଲିଙ୍ଗ ସହବାସ) ପରମେଶ୍ୱରଙ୍କ ଆଜ୍ଞା ବିରୁଦ୍ଧ । ପରମେଶ୍ୱରଙ୍କ ମନ୍ଦିର ରୂପ ଶରୀରର ଅପମାନ । ପରମେଶ୍ୱରଙ୍କ ଦୃଷ୍ଟିରେ ସେମାନେ ମୃତ୍ୟୁଦଣ୍ଡ ଯୋଗ୍ୟ । ଆସ, ଆମ୍ଭେମାନେ ଆମ୍ଭମାନଙ୍କ ଶରୀରକୁ ଶୁଦ୍ଧ, ପବିତ୍ର ରଖି, ଈଶ୍ୱରଙ୍କ ସୁଗ୍ରାହ୍ୟ ବଳିରୂପେ ଉତ୍ସର୍ଗ କରୁ । ଏହାହିଁ ଯୁକ୍ତିଯୁକ୍ତ ଉପାସନା । (ରୋମୀୟ ୧୨ : ୧) ।

***–Bill Nicks***

# ସୁରକ୍ଷିତ ଆଗମନ
## (Safe Landing)

ଗାଲୀଲୀ ସମୁଦ୍ରରେ ଯୀଶୁଖ୍ରୀଷ୍ଟ ଜଳ ଉପରେ ଚାଲିବାର କାହାଣୀ ଜଗତରେ ଆମ୍ଭମାନଙ୍କ ଜୀବନ ସଦୃଶ୍ୟ ଅଟେ । "ସନ୍ଧ୍ୟା ହୁଅନ୍ତେ ତାହାଙ୍କ ଶିଷ୍ୟମାନେ ସମୁଦ୍ର କୂଳକୁ ଗଲେ ଓ ନୌକାରେ ଚଢ଼ି ସମୁଦ୍ର ସେପାରସ୍ଥ କଫର୍ନାହୂମ ଆଡ଼କୁ ଯିବାକୁ ଲାଗିଲେ । ଅନ୍ଧକାର ହୋଇଗଲା, ପୁଣି ଯୀଶୁ ସେ ପର୍ଯ୍ୟନ୍ତ ସେମାନଙ୍କ ନିକଟକୁ ଆସି ନଥିଲେ । ଆଉ ପ୍ରବଳ ପବନ ବହୁଥିବାରୁ ସମୁଦ୍ରରେ ଲହଡ଼ି ଉଠୁଥିଲା । ଇତିମଧ୍ୟରେ ସେମାନେ ପ୍ରାୟ ଦେଢ଼ ବା ଦୁଇ କୋଶ ବାହିଯାଇ ଯୀଶୁଙ୍କୁ ସମୁଦ୍ର ଉପରେ ଚାଲି ନୌକା ନିକଟକୁ ଆସୁଥିବା ଦେଖି ଭୀତ ହେଲେ । କିନ୍ତୁ ସେ ସେମାନଙ୍କୁ କହିଲେ, ''ଏ ତ ମୁଁ, ଭୟକର ନାହିଁ । ତେଣୁ ସେମାନେ ତାହାଙ୍କୁ ନୌକାରେ ନେବାକୁ ଇଚ୍ଛୁକ ହେଲେ, ପୁଣି ସେମାନେ ଯେଉଁ ସ୍ଥାନକୁ ଯାଉଥିଲେ, ନୌକାଟି ତତ୍‌କ୍ଷଣାତ୍ ସେହି ସ୍ଥାନରେ ପହଞ୍ଚିଲା ।" (ଯୋହନ ୬:୧୬-୨୧) ।

ଶିଷ୍ୟମାନେ ଯେପରି ତୁଫାନରେ ସମୁଦ୍ରରେ ଯାତ୍ରା ଆରମ୍ଭ କରିଥିଲେ, ଆମ୍ଭେମାନେ ସେପରି ଜୀବନରୂପ ସମୁଦ୍ରରେ ତୋଫାନରେ ଯାତ୍ରା କରିଥାଉ । ଅନ୍ଧକାର, ଶାରିରୀକ ଆଶା, ଶୟତାନ ପ୍ରଭୃତି ମନୁଷ୍ୟ ଜୀବନର ତୋଫାନ । ଖ୍ରୀଷ୍ଟ ଆମ୍ଭମାନଙ୍କ ସର୍ବେସର୍ବା । ସେ ସର୍ବଜ୍ଞାନୀ, ଆମ୍ଭମାନଙ୍କ ପ୍ରତ୍ୟେକ ପରିସ୍ଥିତ ସେ ଜ୍ଞାତ ଅଟନ୍ତି । ଆମ୍ଭମାନଙ୍କ ଦୀନସ୍ଥିତି, କ୍ଳେଶ, ତାଡ଼ନା ତାହାଙ୍କ ଅଜ୍ଞାତ ନୁହେଁ । ସେ ଆମ୍ଭମାନଙ୍କ ପ୍ରତି ସ୍ନେହପୂର୍ଣ୍ଣ ଦୃଷ୍ଟିରେ ଦୃଷ୍ଟିପାତ କରନ୍ତି । ସଂଘର୍ଷଣରୁ ଶକ୍ତି ମିଳେ ବୋଲି ସେ ଜ୍ଞାତ ଅଟନ୍ତି । ସେ ଆମ୍ଭମାନଙ୍କ ସଂଘର୍ଷଣ ଆମ୍ଭେମାନେ ଆପେ ସମାଧାନ କରୁ, ଏହା ସେ ଇଚ୍ଛା କରନ୍ତି । କିନ୍ତୁ ସେ ଆମ୍ଭମାନଙ୍କ ଅତି ନିକଟବର୍ତ୍ତୀ ସହାୟ ଅଟନ୍ତି । ଶିଷ୍ୟମାନେ ଯୀଶୁଙ୍କ ସାହାଯ୍ୟ ଆବଶ୍ୟକ କରିବା ସମୟରେ, ସେମାନଙ୍କ ନିକଟରେ ସେ ଜଳ ଉପରେ ଚାଲି ପହଞ୍ଚିଲେ । ଯୀଶୁ କେବେ ବି ଆମ୍ଭମାନଙ୍କ ପରିତ୍ୟାଗ କରିବେ ନାହିଁ । "....ଆମ୍ଭେ ତୁମ୍ଭକୁ କେବେ ହେଁ ଛାଡ଼ିବା ନାହିଁ, ଆମ୍ଭେ ତୁମ୍ଭକୁ କେବେହେଁ ପରିତ୍ୟାଗ କରିବା ନାହିଁ । ଅତଏବ ଆମ୍ଭେମାନେ ସାହସ ପୂର୍ବକ କହିପାରୁ, ପ୍ରଭୁ ମୋହର ସହାୟ, ମୁଁ ଭୟ କରିବି ନାହିଁ, ମନୁଷ୍ୟ ମୋହର କଅଣ କରିବ? (ଏବ୍ରୀ ୧୩:୫-୬) । ଶିଷ୍ୟମାନଙ୍କୁ ସେହି ତୁଫାନଭରା ରାତିରେ ଶିଷ୍ୟମାନଙ୍କୁ ଯେପରି ଉଦ୍ଧାର କରିଥିଲେ, ସେ ଆମ୍ଭମାନଙ୍କ

ଜୀବନର ଦୁଃଖକଷ୍ଟ, କ୍ଲେଶ, ସମସ୍ୟାରୁ ଉଦ୍ଧାର କରିବେ । ତାହାଙ୍କ ବାକ୍ୟ ଆମ୍ଭମାନଙ୍କ ନିମନ୍ତେ ଦୈନିକ ସହାୟ । (ଗୀତ ୧୧୯:୧୦୫) । ପବିତ୍ର ଆତ୍ମା ଆମ୍ଭମାନଙ୍କ ଦୁର୍ବଳତାରେ ସାହାଯ୍ୟ କରନ୍ତି ଓ ଆମ୍ଭମାନଙ୍କ ନିମନ୍ତେ ପ୍ରାର୍ଥନା କରନ୍ତି ଓ ଯେଉଁ ପରମେଶ୍ୱର ଆମ୍ଭମାନଙ୍କ ନିମନ୍ତେ ଚିନ୍ତା କରନ୍ତି, ତାହାଙ୍କ ଉପରେ ଆମ୍ଭମାନଙ୍କ ପ୍ରତ୍ୟେକ ଭାର ଥୋଉ । (୧ମ ପିତର ୫:୭) ।"

ଶିଷ୍ୟମାନେ ଯେପରି ସେମାନଙ୍କ ବୁଡ଼ିଯାଉଥିବା ନୌକାରେ ଯୀଶୁଖ୍ରୀଷ୍ଟଙ୍କ ଆହ୍ୱାନ କରିଥିଲେ, ଆମ୍ଭେମାନେ ସେପରି ଯୀଶୁଙ୍କୁ ଆମ୍ଭମାନଙ୍କ ଜୀବନରେ ଆହ୍ୱାନ କରୁ । ଆମ୍ଭେମାନେ କିପରି ତାହାଙ୍କୁ ଆପଣା ଜୀବନରେ ଆହ୍ୱାନ କରିପାରୁ? ସେ ଆମ୍ଭମାନଙ୍କ ପାପରୁ ଆମ୍ଭମାନଙ୍କୁ ରକ୍ଷା କରି ପାରନ୍ତି ବୋଲି ବିଶ୍ୱାସ କରିବା ଦ୍ୱାରା । ସେ ମାନବ ସମାଜକୁ ପାପରୁ ମୁକ୍ତ କରିବା ନିମନ୍ତେ ସ୍ୱର୍ଗରୁ ଏହି ଜଗତକୁ ଆସିଥିଲେ । ତାହାଙ୍କ ବାକ୍ୟ ଅନୁସରଣ କରିବା ଦ୍ୱାରା ଆମ୍ଭେମାନେ ତାହାଙ୍କୁ ଆପଣା ଜୀବନରେ ଆହ୍ୱାନ କରିପାରୁ । ସେ ଯେ ଈଶ୍ୱରଙ୍କ ପୁତ୍ର ଅଟନ୍ତି, ଏହା ସ୍ୱୀକାର କରି, ବାପ୍ତିଜିତ ହେବା ଦ୍ୱାରା ଆମ୍ଭେମାନେ ତାହାଙ୍କୁ ଆପଣା ଜୀବନରେ ଆହ୍ୱାନ କରିପାରୁ । ତାହାଙ୍କୁ ସମ୍ମାନିତ କରି ତାହାଙ୍କ ଇଚ୍ଛାପାଳନ କରି ତାହାଙ୍କୁ ଆପଣା ଜୀବନରେ ଆହ୍ୱାନ୍ୱିତ କରୁ । ଆମ୍ଭେମାନେ ଏପରି ଭାବେ ଯୀଶୁଖ୍ରୀଷ୍ଟଙ୍କୁ ଆପଣା ଜୀବନରୂପ ନୌକାରେ ଆହ୍ୱାନ କଲେ, ସେ ଆମ୍ଭମାନଙ୍କୁ ସ୍ୱର୍ଗରୂପ କୂଳକୁ ସୁରକ୍ଷିତ ଭାବେ କଢ଼ାଇ ନେବେ । (୧ମ କରିନ୍ଥୀ ୧୫:୩୧-୫୮) ।

ଯୀଶୁ ସଦାସର୍ବଦା ଆମ୍ଭମାନଙ୍କ ଉପରେ ନିରୀକ୍ଷଣ କରନ୍ତି । ସେ ଆମ୍ଭମାନଙ୍କ ଦୁଃଖ, ଦୁର୍ଦ୍ଦଶା କାଳରେ ଅତି ନିକଟବର୍ତ୍ତୀ ସହାୟ ଅଟନ୍ତି । ସୁରକ୍ଷିତ ଭାବେ ଜୀବନର ସେପାରିରେ ପହଞ୍ଚିବା ନିମନ୍ତେ ଆମ୍ଭମାନଙ୍କ ଏକ ମାତ୍ର ସମର୍ଥ ତ୍ରାଣକର୍ତ୍ତା ଅଟନ୍ତି ।

***–K. S. Swamidass***

# ପରମେଶ୍ୱର ଅଜ୍ଞାତ ଏକ ଜନନ

## (A generation that did not know God)

ଯିହୋଶୂୟ ଓ ତାହାଙ୍କ ସମବୟସ୍କ ନେତାମାନଙ୍କ ମୃତ୍ୟୁ ଇଶ୍ରାଏଲ ଦେଶର ପରିସ୍ଥିତିରେ ପରିବର୍ତ୍ତନ ଆଣିଲେ । ସେମାନେ ପରମେଶ୍ୱର ଓ ତାହାଙ୍କ ଅସୀମ ଶକ୍ତି ବିଷୟରେ ଜ୍ଞାତ ଥିଲେ । ମିସର ଦେଶର ଦାସତ୍ୱରୁ ମୁକ୍ତ କରି, ପ୍ରତିଜ୍ଞାତ ଦେଶକୁ କଢ଼ାଇ ଆଣିଥିବା ସଦାପ୍ରଭୁଙ୍କ ମହିମା ସେମାନେ ଜୀବନରେ ଅନୁଭବ କରିଥିଲେ । କିନ୍ତୁ ତତ୍‌ବର୍ତ୍ତୀ ଜନସମାଜକୁ ଅର୍ଥାତ୍ ସେମାନଙ୍କ ସନ୍ତାନ ସନ୍ତତିମାନଙ୍କୁ ପରମେଶ୍ୱରଙ୍କ ଆଶ୍ଚର୍ଯ୍ୟ ପ୍ରେମ, ଶକ୍ତିଯୁକ୍ତ କାର୍ଯ୍ୟ ଜଣାଇ ନଥିଲେ । ବାକ୍ୟ କହେ, "ଯିହୋଶୂୟଙ୍କ ଜୀବନଯାଏ ଓ ଯେଉଁ ପ୍ରାଚୀନମାନେ ଇଶ୍ରାଏଲ ପକ୍ଷରେ ସଦାପ୍ରଭୁଙ୍କ କୃତ ସମସ୍ତ କର୍ମ ଦେଖିଥିଲେ, ସେମାନେ ମଧ୍ୟରୁ ଯେଉଁମାନେ ଯିହୋଶୂୟଙ୍କ ଉତ୍ତାରେ ଜୀବିତ ଥିଲେ, ସେମାନଙ୍କ ଜୀବନଯାଏ ଲୋକମାନେ ସଦାପ୍ରଭୁଙ୍କ ସେବା କଲେ ।" (ବିଚାରକର୍ତ୍ତା ୨:୭, ଦ୍ୱିତୀୟ ବିବରଣ ୨:-୯) ।

"ବାଲ" ନାମକ ଏକ ସୂର୍ଯ୍ୟ ଦେବତା, ସମସ୍ତଙ୍କ ଶକ୍ତିର ଆଧାରରୂପେ କିଣାନୀୟମାନଙ୍କ ଦ୍ୱାରା ପୂଜିତ ଥିଲେ । ଏହି ପୁଂଦେବତା Bal ବହୁବଚନରେ Baalim ନାମରେ ଖ୍ୟାତ ଥିଲେ । Ashtorath ଅର୍ଥାତ୍ ଚନ୍ଦ୍ରଦେବତା ବହୁବଚନରେ Ashtorath ରୂପେ ପରିଚିତ ଥିଲେ । ସେ ଗ୍ରୀକ୍ ଦେବୀ Aphrodite ସମତୁଲ୍ୟ ।

କିଣାନୀୟମାନଙ୍କ ନିମନ୍ତେ ବାଲଦେବତା ଓ ସତ୍ୟ ପରମେଶ୍ୱରଙ୍କୁ ଏକ ସମୟରେ ସେବା କରିବା ଅପରାଧ ନଥିଲା । କାରଣ ସେମାନେ ଅସଂଖ୍ୟା ଦେବାଦେବୀମାନଙ୍କ ଉପରେ ବିଶ୍ୱାସ ରଖୁଥିଲେ । କିନ୍ତୁ ସତ୍ୟ ପରମେଶ୍ୱରଙ୍କ ଉପାସକମାନଙ୍କୁ ଅନ୍ୟ ଦେବୀଦେବତାଙ୍କୁ ଆଦର କରିବା ଅପରାଧର କାରଣ । (ଯାତ୍ରା ୨୦:୩, ଦ୍ୱି.ବି. ୬:୧୦-୨୫, ୧୩:୬-୧୮) । ଅନ୍ୟ ଦେବତାମାନଙ୍କ ସମ୍ମୁଖରେ ମସ୍ତକନତ କରିବାର ଅପରାଧ ଇଶ୍ରାୟେଲ ଅଜ୍ଞ ରହିଲେ । (ବିଚାର ୨:୧୧-୧୩) । ପୁରାତନ ନିୟମରେ ସଦାପ୍ରଭୁ ପରମେଶ୍ୱର ଇଶ୍ରାଏଲର ସ୍ୱାମୀ ରୂପେ ଓ ନୂତନ ନିୟମରେ ମଣ୍ଡଳୀ ଖ୍ରୀଷ୍ଟଙ୍କ ବଧୂ ରୂପେ ବର୍ଣ୍ଣନା କରାଯାଇଅଛି । ଅନ୍ୟ ଦେବତାଗଣର ସେବା କରିବାର ଅର୍ଥ ଆତ୍ମିକ ବ୍ୟଭିଚାର । (ହୋଶେୟ ୨:୨-୧୩; ୨ କରିନ୍ଥୀ ୧୧:୨, ଯାକୁବ ୪:୪) ।

ଯେଉଁମାନେ ପରମେଶ୍ୱରଙ୍କ ବିଦ୍ରୋହୀ ସେମାନେ ଅଦଣ୍ଡିତ ନହେଲେ । ପରମେଶ୍ୱର ଆଉ ଧାର୍ମିକ, ନ୍ୟାୟୀ ରହି ପାରିବେ ନାହିଁ । (ଗୀତ ୮୯:୧୪) । ତେଣୁକରି ସଦାପ୍ରଭୁ ସେମାନଙ୍କୁ ଅତ୍ୟାଚାରୀମାନଙ୍କ ହସ୍ତରେ ସମର୍ପଣ କଲେ । (ବିଚାରକର୍ତ୍ତା ୨:୧୪-୧୫) । ପରମେଶ୍ୱରଙ୍କ ମନୋନୀତ ଗୋଷ୍ଠୀ, ଶତ୍ରୁ ସମ୍ମୁଖରୁ ପଳାୟନ କଲେ, ଯେହେତୁ ସଦାପ୍ରଭୁ ସେମାନଙ୍କ ପକ୍ଷରେ ଯୁଦ୍ଧ କଲେ ନାହିଁ । (ଲେବୀ ୨୬;୧୭, ୩୬-୩୯, ଦ୍ୱି.ବି. ୨୬:୩-୮) । ଇଶ୍ରାଏଲ 'ଯଦି' ସଦାପ୍ରଭୁ ନିୟମ ପ୍ରାଳନ କରନ୍ତେ, ତେବେ ସଦାପ୍ରଭୁ ସେମାନଙ୍କ ସହବର୍ତ୍ତୀ ହୁଅନ୍ତେ । ସଦାପ୍ରଭୁଙ୍କ ସର୍ତ୍ତ ଆମ୍ଭେମାନେ ପାଳନ ନକଲେ, ତାହାଙ୍କ ଦତ୍ତ ଆଶୀର୍ବାଦ ପ୍ରାପ୍ତ ହୋଇ ପାରିବା ନାହିଁ ।

ସଦାପ୍ରଭୁ ଇଶ୍ରାଏଲମାନଙ୍କୁ ଦଣ୍ଡ ଦେବାର ଅର୍ଥ ଏହା ନୁହେଁ ଯେ, ସେ ସେମାନଙ୍କୁ ଘୃଣା କରୁଥିଲେ । ସେ ଅତ୍ୟାଚାରୀମାନଙ୍କ ପ୍ରପୀଡ଼ିତ ହେବା ସମୟରେ ସେମାନଙ୍କ ଆର୍ତ୍ତନାଦ ଶ୍ରବଣ କରି ଉଦ୍ଧାର କର୍ତ୍ତାମାନଙ୍କୁ ପ୍ରେରଣ କରି ସେମାନଙ୍କୁ ଉଦ୍ଧାର କରିଥିଲେ । ଦୁଃଖର କାରଣ ଏହି କି ଯେ, ଇଶ୍ରାଏଲ ସେମାନଙ୍କ ଶାସ୍ତିରୁ କିଛି ଶିକ୍ଷା କରି ନଥିଲେ । ବିଚାରକର୍ତ୍ତାଙ୍କ ମୃତ୍ୟୁ ପରେ, ସେମାନେ ପୁନଃର୍ବାର ପ୍ରତିମା ପୂଜାରେ ଆସକ୍ତ ହୋଇ, ସଦାପ୍ରଭୁଙ୍କ କ୍ରୋଧର କାରଣ ହେଲେ । ପୁନଃର୍ବାର ସଦାପ୍ରଭୁ ସେମାନଙ୍କୁ ସେମାନଙ୍କ ଶତ୍ରୁହସ୍ତରେ ସମର୍ପଣ କଲେ । (ବିଚାରକର୍ତ୍ତା ୨:୧୭-୧୯, ଯିଶାଇୟ ୬୩:୭-୧୦; ୨ ପିତର ୨:୨୦-୨୨) । ବାରମ୍ବାର ଇଶ୍ରାଏଲୀୟମାନେ ସଦାପ୍ରଭୁଙ୍କ ଆଜ୍ଞାରୁ ବିମୁଖ ହେଉଥିବାରୁ ସେ କହିଲେ, "...ଆମ୍ଭେ ଏହି ଲୋକମାନଙ୍କ ପୂର୍ବ ପୁରୁଷଗଣଙ୍କୁ ଯେଉଁ ନିୟମ ଆଜ୍ଞା କରିଥିଲୁ, ତାହା ଏମାନେ ଲଂଘନ କରିଅଛନ୍ତି, ଓ ଆମ୍ଭର ରବ ଶୁଣୁ ନାହାନ୍ତି । ଏହେତୁ ଯିହୋଶୂୟ ମରଣକାଳରେ ଯେଉଁ ଗୋଷ୍ଠୀମାନଙ୍କୁ ଅବଶିଷ୍ଟ ରଖିଲା, ଆମ୍ଭେ ମଧ୍ୟ ସେମାନଙ୍କୁ ଏମାନଙ୍କ ସମ୍ମୁଖରୁ ଅଦ୍ୟାବଧି ଆଉ ତଡ଼ିଦେବା ନାହିଁ । ଯେପରି ଏମାନଙ୍କ ପିତୃଲୋକମାନେ ସଦାପ୍ରଭୁଙ୍କ ମାର୍ଗ ରକ୍ଷା କରିବେ କି ନାହିଁ, ଏ ବିଷୟରେ ସେହି ଗୋଷ୍ଠୀମାନଙ୍କ ଦ୍ୱାରା ଆମ୍ଭେ ଇଶ୍ରାଏଲକୁ ପରୀକ୍ଷା କରିବା । ଏଥିପାଇଁ ସଦାପ୍ରଭୁ ସେହି ଗୋଷ୍ଠୀୟ ଲୋକମାନଙ୍କୁ ଶୀଘ୍ର ତଡ଼ି ନଦେଇ ଅବା ଯିହୋଶୂୟଙ୍କ ହସ୍ତରେ ସେମାନଙ୍କୁ ସମର୍ପଣ ନକରି ଅବଶିଷ୍ଟ ରଖିଲେ ।" (ଯିହୋଶୂୟ ୨:୨୦-୨୩) ।

***–Gary C. Hampton***

❋❋❋

**Edited & Published by : Kabita & Joshua Gootam**

# CHRISTIAN FELLOWSHIP

Acts 2 ; 42   I John 1:7

**INTRODUCTION :**

1. Fellowship means friendship, acceptance, approval, sharing, helping, being of like faith, etc, Also brotherhood and participation. One we can support, unity of believers.
2. We sing the song "Bless be the tie that binds." We are of like faith and therefore we are one in Christ and love to be together and work together.
3. The early Christians enjoyed this kind of fellowship
4. Who can we fellowship ?

**DISCUSSION:**

**I. Christians are to have Fellowship .**

1. With Christ. (Phil. 3:10:1 Cor. 1:9;1 John 1:6).
2. With God. (1 John 1:3).
3. With the Spirit (Phil. 2:1).
4. With other Christians. (1 Jphn 1:7).
5. In attending the assemblies (Acts 2:42; Hebrews 10:25).
6. In preaching the gospel (Phil 1:5).
7. In ministering to the saints (2 Cor 8 :4).
8. In every good work. (Acts 2 :42)

**II. Those we Cannot Fellwoship**

1. Not to have fellowship with those who offered sacrifices to the Devil (1 Cor 10:20).
2. Not to have fellowship with unbelievers. (2 Cor 6:14).
3. Not to have fellowship with unfruitful works of darkness. (Eph 5:11).

4. Not to fellowship false teachers. (2 John 10,11).
5. Not to fellowship false worship (Matthew 15:19; Acts 17).
6. Not to give our money to support error.
7. Not to fellowship the unfaithful Christian.

**II. The Unfaithful are to be Disfellowshipped.**

1. The Lord has commanded that unfaithful Christians should be disciplined.
2. Paul discussed the importance of disfellowshipping in 1 Cor 5.

**CONCLUSION :**

1. Fellowship with God's people can be powerful.
2. To extend our fellowship to those in error would only weaken us, therefore we cannot do it.

**J.C. CHOATE**

*Printed Book Only*

From:
**SATYA VANI**
**P.O. Box 80,**
**Kakinada - 533 001**

To

(FOR PRIVATE CRICULATION ONLY)